# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 22 September - 2024

### News Editor : Itishree Singh Rathaur

*********************************

## ମୁଖ୍ୟ ସମ୍ବାଦ

- କେନ୍ଦୁଝରରେ ୯୮୭ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ
- ଭୁବନେଶ୍ୱରରେ ଆସନ୍ତାକାଲି ଅନୁଷ୍ଠିତ ହେବ ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି
- ଗଣ୍ଡାମାନଙ୍କ ସୁରକ୍ଷା ପାଇଁ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ପାଳିତ ହେଉଛି 'ବିଶ୍ୱ ଗଣ୍ଡା ଦିବସ'

ଏବଂ

- ଘୂର୍ଣ୍ଣିବଳୟ ପ୍ରଭାବରେ ଘଡଘଡ଼ି ସହ ବର୍ଷା ହେବା ନେଇ ରାଜ୍ୟର ୧୭ଟି ଜିଲ୍ଲାକୁ ସତର୍କ ସୂଚନା

## ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି କେନ୍ଦୁଝର ଜିଲ୍ଲାରେ ୯୮୭ କୋଟି ୩୫ ଲକ୍ଷ ଟଙ୍କା ବ୍ୟୟରେ ମୋଟ୍ ୧୫୮ଟି ପ୍ରକଳ୍ପର ଉଦ୍‌ଘାଟନ ଓ ଲୋକାର୍ପଣ କରିଛନ୍ତି। ରାଜ୍ୟରେ ତାଙ୍କ ନେତୃତ୍ୱରେ ନୂଆ ସରକାରଙ୍କ ୧୦୦ ଦିନ ପୂରଣ ଅବସରରେ  ମୁଖ୍ୟମନ୍ତ୍ରୀ ଜିଲ୍ଲାରେ ଧରଣୀଧର ବିଶ୍ୱବିଦ୍ୟାଳୟର ଶୈକ୍ଷିକ କୋଠା, ସାହାରପୁରଠାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରାବାସର ଉଦ୍‌ଘାଟନ କରିଛନ୍ତି। ଏହାସହ ସଡକ, ସେତୁ, ଜଳସେଚନ, କୃଷି ଆଦିର ଉନ୍ନତି ପାଇଁ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟରେ ଶିକ୍ଷାର ବିକାଶ ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଏହି କ୍ରମରେ ରାଜ୍ୟର ପ୍ରତ୍ୟେକ ସ୍ଥାନରେ ଗୋଦାବରିଶ ମିଶ୍ର ପ୍ରାଥମିକ ଆଦର୍ଶ ବିଦ୍ୟାଳୟ ଗଠନ କରାଯିବ। ସେହିଭଳି ନୂଆ ସରକାର ଗଠନ ହେବା ପରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ଓଡ଼ିଆ ଅସ୍ମିତା ପାଇଁ ୨୦୦ କୋଟି ଟଙ୍କାର କର୍ପସ ପାଣ୍ଠି ନିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## - V/O –

## ୧୦୦ ଦିନ ପୂର୍ତ୍ତି-ମୁଖ୍ୟମନ୍ତ୍ରୀ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଅପରାହ୍ଣରେ ମୟୂରଭଞ୍ଜ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ସେ ବାରିପଦାର ସ୍ଥାନୀୟ ଛଉ ପଡିଆଠାରେ

ଅନୁଷ୍ଠିତ ହେବାକୁ ଥିବା ସମାବେଶରେ ଯୋଗଦେଇ ରାଜ୍ୟରେ ନୂଆ ସରକାରଙ୍କ ୧୦୦ ଦିନର ବିକାଶ ବିଷୟରେ ଲୋକମାନଙ୍କ ସହ ଭାବବିନିମୟ କରିବେ।

## ମୁଖ୍ୟମନ୍ତ୍ରୀ – ଜନଶୁଣାଣି

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତାକାଲି ଭୁବନେଶ୍ୱର ୟୁନିଟ୍ ୫ ସ୍ଥିତ ସରକାରୀ ବାସଭବନରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ । ଏନେଇ ଭୁବନେଶ୍ୱର ଓ୍ୱାଟ୍‌କୋ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଅଧିକାରୀମାନଙ୍କ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ଶୃଙ୍ଖଳିତ ଭାବେ ଜନଶୁଣାଣି ନେଇ ଆଲୋଚନା ହୋଇଥିଲା । ସୂଚନା ଅନୁସାରେ, ଏଥିପାଇଁ ଅନ୍‌ଲାଇନ୍ ମାଧ୍ୟମରେ ଆଗୁଆ ପଞ୍ଜୀକରଣ ବ୍ୟବସ୍ଥା କରାଯାଇଛି । ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ସର୍ବାଧିକ ହଜାରେ ଜଣଙ୍କର ଅଭିଯୋଗର ଶୁଣାଣି କରିବେ ବୋଲି ଜଣାପଡିଛି।

## ବାର୍ଷିକ ଉତ୍ସବ-ଏମ୍ସ

ଭୁବନେଶ୍ୱର ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ-ଏମ୍ସର ଦ୍ୱାଦଶ ବାର୍ଷିକ ଉତ୍ସବ ଆଜି ପାଳିତ ହେଉଛି। ଏହି ଅବସରରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ କହିଛନ୍ତି, ଏମ୍ସକୁ ଆହୁରି ଅଧିକ ଗତିଶୀଳ ଏବଂ କ୍ରିୟାଶୀଳ କରିବା ନିମନ୍ତେ ସରକାର ସମସ୍ତ ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତିବଦ୍ଧ। ରାଜ୍ୟ ତଥା ରାଜ୍ୟବାହାରୁ ଦୈନିକ ଚିକିତ୍ସା

ପାଇଁ ଆସୁଥିବା ହଜାର ହଜାର ରୋଗୀଙ୍କ ସଂଖ୍ୟା ହିଁ ଏହି ଅନୁଷ୍ଠାନର ସଫଳତାକୁ ପ୍ରତିପାଦନ କରୁଛି ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

ସ୍ୱାସ୍ଥ୍ୟସେବାରେ ନବସୃଜନ ଆଣିବା ସହିତ ଚିକିତ୍ସା ବିଜ୍ଞାନ ସହିତ ପ୍ରଯୁକ୍ତିବିଦ୍ୟାର ଅନ୍ତର୍ଭୁକ୍ତୀକରଣ ପାଇଁ ଏମ୍ସ ସର୍ବଦା ପ୍ରୟାସରତ ବୋଲି ଏମ୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡକ୍ଟର ଆଶୁତୋଷ ବିଶ୍ୱାସ ଏହି ଅବସରରେ କହିଛନ୍ତି।

ସୂଚନାଯୋଗ୍ୟ, ଏମ୍ସରେ ଗତ ବର୍ଷେ ମଧ୍ୟରେ ୧୦ ଲକ୍ଷରୁ ଅଧିକ ରୋଗୀ ଚିକିତ୍ସିତ ହୋଇଛନ୍ତି।

## ବିକାଶମେଳା-ଉପମୁଖ୍ୟମନ୍ତ୍ରୀ

ଓଡ଼ିଶାକୁ ବିକଶିତ ରାଜ୍ୟରେ ପରିଣତ କରିବାକୁ ହେଲେ, ମହିଳାମାନଙ୍କୁ ନେତୃତ୍ୱ ନେବାର ଆବଶ୍ୟକତା ରହିଛି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି। ଜଗତ୍‌ସିଂହପୁର ଜିଲ୍ଲାର ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ୍‌ରେ ବିକାଶ ମେଳାକୁ ଉଦ୍‌ଘାଟନ କରିବା ଅବସରରେ ସେ କହିଛନ୍ତି, ଜିଲ୍ଲାରେ ୧ ଲକ୍ଷ ୧ ହଜାର ୧୧୩ ଜଣଙ୍କ ଆକାଉଣ୍ଟକୁ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତି ପଠାଯାଇଛି। ଘରେ ଘରେ ସୁଭଦ୍ରା ଯୋଜନାକୁ ପହଞ୍ଚାଇବା ସହ ମହିଳାମାନଙ୍କୁ ଆତ୍ମନିର୍ଭର କରାଇବାର ଲକ୍ଷ୍ୟ ରଖାଯାଇଛି ବୋଲି ସେ କହିଛନ୍ତି। ଶ୍ରୀମତୀ ପରିଡା କହିଛନ୍ତି, ଆଗାମୀ ଦିନରେ କୌଣସି ସ୍ୱୟଂ ସହାୟକ ଗୋଷ୍ଠୀ ବନ୍ଦ ହେବ ନାହିଁ। ଭବିଷ୍ୟତରେ ଅଧିକ ଲକ୍ଷପତି ଦିଦି ସୃଷ୍ଟି କରାଯିବ। ଜଗତ୍‌ସିଂହପୁର ଜିଲ୍ଲାର ଶିକ୍ଷା,

ସ୍ୱାସ୍ଥ୍ୟ ଓ ପର୍ଯ୍ୟଟନ ଭିତ୍ତିଭୂମିକୁ ବିକଶିତ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

## ଜିଲ୍ଲାପାଳ ସମ୍ମିଳନୀ

ଭୁବନେଶ୍ୱର ଲୋକସେବା ଭବନରେ ଆସନ୍ତା ୨୭ ତାରିଖରେ ଜିଲ୍ଲାପାଳମାନଙ୍କ ସମ୍ମିଳନୀ ଅନୁଷ୍ଠିତ ହେବ। ରାଜ୍ୟରେ ନୂଆ ସରକାର ଆସିବା ପରେ ପ୍ରଥମ ଥର ପାଇଁ ଏହି ସମ୍ମିଳନୀ ହେବାକୁ ଯାଉଛି। ଏଥିରେ ୩୦ଟି ଜିଲ୍ଲାର ଜିଲ୍ଲାପାଳ, ସମସ୍ତ ବିଭାଗର ପ୍ରମୁଖ ଶାସନ ସଚିବ ଏବଂ କମିଶନର ତଥା ଶାସନ ସଚିବ ମାନେ ଉପସ୍ଥିତ ରହିବେ। ଏଥିସହିତ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ, ଅତିରିକ୍ତ ଶାସନ ସଚିବ ଓ ନିର୍ଦ୍ଦେଶକମାନେ ମଧ୍ୟ ସାମିଲ ହେବାକୁ କୁହାଯାଇଛି। ଏଥିରେ ମୁଖ୍ୟମନ୍ତ୍ରୀ ଏବଂ ଦୁଇଜଣ ଉପମୁଖ୍ୟମନ୍ତ୍ରୀ ଯୋଗଦେବେ ବୋଲି ସୂଚନା ମିଳିଛି।

## ପିଏମ୍-ଗଣ୍ଡା ଦିବସ

ଗଣ୍ଡାମାନଙ୍କ ସୁରକ୍ଷାକୁ ନେଇ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ବିଶ୍ୱ ଗଣ୍ଡା ଦିବସ ପାଳିତ ହେଉଛି। ଏହି ଉପଲକ୍ଷେ  ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ  ଗଣ୍ଡାମାନଙ୍କ ସୁରକ୍ଷା ସମ୍ପର୍କରେ ଭାରତର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟ ଜରିଆରେ ଶ୍ରୀ ମୋଦୀ ଦୀର୍ଘବର୍ଷ ହେଲା ଗଣ୍ଡା ସଂରକ୍ଷଣ ଓ ରକ୍ଷଣାବେକ୍ଷଣରେ ନିଯୁକ୍ତ ସମସ୍ତ କର୍ମଚାରୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଭାରତ ହେଉଛି ଏକ ଶିଙ୍ଘିଆ ଗଣ୍ଡାର ଆବାସସ୍ଥଳ ଅତ୍ୟନ୍ତ ଗର୍ବର ବିଷୟ  ବୋଲି ସେ କହିଛନ୍ତି।

ଅତୀତରେ ଆସାମ ଗସ୍ତ ଅବସରରେ କାଜିରଙ୍ଗା ଜାତୀୟ ଉଦ୍ୟାନ ଭ୍ରମଣକୁ ମନେପକାଇ ଶ୍ରୀ ମୋଦୀ ଜନସାଧାରଣଙ୍କୁ ସେଠାକୁ ବୁଲିଯିବାକୁ ପରାମର୍ଶ ଦେଇଛନ୍ତି।

## ଶ୍ରୀମନ୍ଦିର - ରତ୍ନଭଣ୍ଡାର ସର୍ଭେ

ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା-ଏ.ଏସ୍.ଆଇ ପକ୍ଷରୁ ଆଜି ଦ୍ୱିତୀୟ ଦିନରେ ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାରର ବୈଷୟିକ ସର୍ବେକ୍ଷଣ କାର୍ଯ୍ୟ ଆରମ୍ଭ ହୋଇଛି। ଗତକାଲି ପ୍ରଥମ ଦିନର ସର୍ବେକ୍ଷଣ କାର୍ଯ୍ୟ ଶେଷ ହେବା ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ କହିଛନ୍ତି, ବୈଷୟିକ ସର୍ବେକ୍ଷଣ କାର୍ଯ୍ୟ ଅସମ୍ପୂର୍ଣ୍ଣ ରହିଛି। ଆଜି ପୁଣି କାର୍ଯ୍ୟ ଜାରି ରହିବ। ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣିତ ମାର୍ଗଦର୍ଶିକା ଅନୁସାରେ, ସର୍ବେକ୍ଷଣ କାର୍ଯ୍ୟ ହେଉଛି। ଏଥିପାଇଁ ଶ୍ରୀମନ୍ଦିର ନୀତିକାନ୍ତି ସ୍ୱାଭାବିକ ଭାବେ ଚାଲିଥିବାବେଳେ ସର୍ବେକ୍ଷଣ ସମୟରେ ଶ୍ରୀଜୀଉଙ୍କ ସର୍ବସାଧାରଣ ଦର୍ଶନ ବନ୍ଦ ରହିଛି।

ସୂଚନାଯୋଗ୍ୟ, ଗତକାଲି ଏଏସ୍ଆଇ ଓ ବିଶେଷଜ୍ଞ ଟିମ୍ ପ୍ରାୟ ୪ ଘଣ୍ଟା ଧରି ସର୍ବେକ୍ଷଣ କାର୍ଯ୍ୟ କରିଥିଲେ।

ଅପରପକ୍ଷରେ, ଆସନ୍ତା ୨୪ ତାରିଖରୁ ଶ୍ରୀମନ୍ଦିରରେ ଶାରଦୀୟ ଦୁର୍ଗାପୂଜା ପାଇଁ ଷୋଡଶ ଉପଚାର ପୂଜା ଆରମ୍ଭ ହେବ। ଏଥିପାଇଁ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହେବ।

## ନୂଆଁଖାଇ ଭେଟ୍‌ଘାଟ୍

ସମ୍ବଲପୁରରେ ଏକ ଘରୋଇ ଅନୁଷ୍ଠାନ ପକ୍ଷରୁ ଆଜି ସନ୍ଧ୍ୟାରେ ନୂଆଁଖାଇ ଭେଟଘାଟ ପାଳନ କରାଯିବ। ଏଥିରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ବାଣିଜ୍ୟ, ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଏବଂ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ଆୟୋଜିତ ହେବାକୁ ଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ବହୁ ଖ୍ୟାତିସମ୍ପନ୍ନ କଳାକାର ନିଜ କଳା ପ୍ରଦର୍ଶନ କରିବେ।

# ଲୁଣିଆ ଗୁଳିକାଣ୍ଡ ସ୍ମାରକୀ ଦିବସ

**ଭଦ୍ରକ** ଜିଲ୍ଲା ଧାମନଗର ବ୍ଲକ୍ ଲୁଣିଆ ସହିଦ୍ ନଗରଠାରେ ୮୨ତମ ଲୁଣିଆ ଗୁଳିକାଣ୍ଡ ସ୍ମାରକୀ ଦିବସ ପାଳିତ ହୋଇଛି। ଏଥିରେ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ସହିଦ୍ଙ୍କ ପୀଠରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହାସହ ପୀଠର ଉନ୍ନତୀକରଣ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ।

## ବିକାଶମେଳା–

**ମାଲକାନଗିରି** ଜିଲ୍ଲା ଡିଏନକେ ଖେଳ ପଡ଼ିଆଠାରେ ନୂଆ ସରକାରଙ୍କ ୧୦୦ ଦିନ ପୂର୍ତ୍ତି ଉପଲକ୍ଷେ ଆୟୋଜିତ ଜିଲ୍ଲାସ୍ତରୀୟ ବିକାଶ ମେଳାକୁ ଆଜି ସାମାଜିକ କଲ୍ୟାଣ ଓ ସଶକ୍ତୀକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉଦଘାଟନ

କରିଛନ୍ତି । ଏହି ଅବସରରେ ସେ କହିଛନ୍ତି, ରାଜ୍ୟ ସରକାର ଲୋକଙ୍କ କଲ୍ୟାଣ ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଯୋଜନାର ଯୋଗ୍ୟ ହିତାଧିକାରୀଙ୍କୁ ସହାୟତା ପ୍ରଦାନ କରାଯାଇଥିଲା।

# ବୟନିକା କେନ୍ଦ୍ର ଉଦ୍‌ଘାଟିତ

**ଗଞ୍ଜାମ** ଜିଲ୍ଲା ବ୍ରହ୍ମପୁରସ୍ଥିତ ଆଙ୍କୁଲି ଶିଳ୍ପାଞ୍ଚଳଠାରେ ବୟନିକାର ଏକ ଅତ୍ୟାଧୁନିକ ବିକ୍ରୟ କେନ୍ଦ୍ରକୁ ବାଣିଜ୍ୟ, ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା  ଉଦ୍‌ଘାଟନ କରିଛନ୍ତି। ବୁଣାକାରମାନଙ୍କ ଦ୍ୱାରା ଉତ୍ପାଦିତ  ହସ୍ତତନ୍ତ ବସ୍ତ୍ର ଏଠାରେ ଉପଲବ୍ଧ ହେଉଛି। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସହାୟତାରେ ବୟନିକା ଆସନ୍ତା ୫ ବର୍ଷ ମଧ୍ୟରେ ୫ ଶହ କୋଟି ଟଙ୍କାର କାରବାର କରିବାକୁ ଲକ୍ଷ୍ୟ ରଖିଛି ବୋଲି ବୟନିକା ସଭାପତି ପ୍ରକାଶ ଚନ୍ଦ୍ର ମେହେର ଏହି କାର୍ଯ୍ୟକ୍ରମରେ ମତପ୍ରକାଶ କରିଥିଲେ।

# ବିଶ୍ୱକର୍ମା ଯୋଜନା ତାଲିମ୍ ପ୍ରମାଣପତ

**ଢେଙ୍କାନାଳ** ଜିଲ୍ଲା ଜନଶିକ୍ଷଣ ସଂସ୍ଥାନ ପକ୍ଷରୁ ଆଜି ୭୨ ଜଣ କାରିଗରଙ୍କୁ ବିଶ୍ୱକର୍ମା ଯୋଜନାରେ ତାଲିମ୍ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଏହାସହ ରାଷ୍ଟ୍ରାୟତ ବ୍ୟାଙ୍କ ପକ୍ଷରୁ ୩ ଜଣଙ୍କୁ ଋଣ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ୱାବଲମ୍ବୀ କରିବା ପାଇଁ ଅନ୍ୟମାନଙ୍କୁ ଖୁବ୍ ଶୀଘ୍ର ଋଣ ଦିଆଯିବ ବୋଲି ବ୍ୟାଙ୍କ ଅଧିକାରୀମାନେ ବୁଝାଇଥିଲେ।

# ସ୍ୱଚ୍ଛତା ହିଁ ସେବା

**ନୂଆପଡ଼ା** ଜିଲ୍ଲା ଖଡିଆଳ କେନ୍ଦ୍ରୀୟ ବିଦ୍ୟାଳୟଠାରେ ସ୍ୱଚ୍ଛତା ହିଁ ସେବା ପକ୍ଷ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଏକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ଏବଂ ବିଦ୍ୟାଳୟର କର୍ମଚାରୀମାନେ ନିଜ ଆଖପାଖର ବାତାବରଣ ସ୍ୱଚ୍ଛ ରଖିବାକୁ ସଂକଳ୍ପ ନେଇଥିଲେ।

## ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

ବଲାଙ୍ଗିର ମ୍ୟୁନିସିପାଲଟି ଏବଂ ସି.ଆର.ପି.ଏଫ୍‌ର ମିଳିତ ଆନୁକୁଲ୍ୟରେ ବସ ଟର୍ମିନାଲଠାରେ ଏକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସି.ଆର.ପି.ଏଫ କମାଣ୍ଡାଣ୍ଟ ଏବଂ ମହାନଗର ନିଗମର ବହୁ ଅଧିକାରୀ ଏଥିରେ ଯୋଗଦେଇ ଟର୍ମିନାଲ ପରିସରକୁ ସଫା କରିଥିଲେ। ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମରେ  ମହାନଗର ନିଗମ ପୌରାଧ୍ୟକ୍ଷା କହିଛନ୍ତି, ଏହି ସଫେଇ ସଚେତନତା କାର୍ଯ୍ୟକ୍ରମ ଆସନ୍ତା ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ବିଭିନ୍ନ ସହରରେ ଚାଲିବ।

# ପାଣିପାଗ

ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି । ଏହା ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗରେ ଗତି କରୁଛି । ଘୂର୍ଣ୍ଣିବଳୟ ଅଧିକ ଘନୀଭୂତ

ହୋଇ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଏହାର ପ୍ରଭାବରେ ରାଜ୍ୟରେ ବର୍ଷାର ପରିମାଣ ବୃଦ୍ଧି ପାଇବ । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ୧୭ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

*********************************